# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**10 November – 2025**

## କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । କୃଷକମାନଙ୍କର ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ ଓ ଜୈବିକ କୃଷିକୁ ପ୍ରୋତ୍ସାହନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବେ । ଭୁବନେଶ୍ୱରର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ହେବାକୁ ଥିବା ମାଣ୍ଡିଆ ଦିବସ ଉଦ୍‌ଘାଟନୀ ସସମାରୋହରେ ଶ୍ରୀ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଓଡ଼ିଶା ସମେତ ସମଗ୍ର ଦେଶରେ ଶ୍ରୀଅନ୍ନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ସମ୍ବନ୍ଧରେ ଆଲୋଚନା ହେବ । କେନ୍ଦ୍ରମନ୍ତ୍ରୀ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତକରି ଚାଷଜମି ନିରୀକ୍ଷଣ କରିବା ସହ କୃଷକମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଅପରାହ୍ଣରେ ସେ କଟକର ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରତା ମିଶନ ଓ ଜାତୀୟ ଜୈବିକ କୃଷି ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଗତକାଲି ପ୍ରଚାର କାର୍ଯ୍ୟ ଶେଷ ହେବା ପରେ ୪୮ ଘଣ୍ଟା ପର୍ଯ୍ୟନ୍ତ ନୀରବ ଅବଧି ଲାଗୁ ହୋଇଛି। ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସବୁ ବୁଥ୍‌ରେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ କହିଛନ୍ତି।

**V/O**

ନୂଆପଡାରେ ଅବାଧ, ମୁକ୍ତ ଏବଂ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାପାଇଁ ପ୍ରଶାସନ ପକ୍ଷରୁ ୨ଟି ସହାୟତା ନମ୍ବର ଜାରି କରାଯାଇଛି । ନୂଆପଡା ବିଧାନସଭା ଆସନ ପାଇଁ ଆସନ୍ତାକାଲି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ । ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

# ବିହାର ବିଧାନସଭା ନିର୍ବାଚନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତକାଲି ପ୍ରଚାର ଶେଷ ହୋଇଛି । ବିହାରରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ । ପ୍ରଥମ

ପର୍ଯ୍ୟାୟରେ ବିହାରରେ ୬୪ ଦଶମିକ ୬/୬ ପ୍ରତିଶତ ମତଦାନ ହୋଇଥିଲା ।

# ପରିବହନ-ସ୍ୱତନ୍ତ୍ର ପୁରସ୍କାର

ସହରାଞ୍ଚଳ ପରିବହନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆମ ବସ୍ ଓ ଆମ ଇ-ରାଇଡ୍ ବ୍ୟବସ୍ଥା ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ସର୍ବୋତ୍ତମ ସହରାଞ୍ଚଳ ପରିବହନ ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛି । ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ୨୦୨୫ର ଉଦ୍‌ଯାପନୀ ଅଧିବେଶନରେ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ, ରାଜ୍ୟ ବିଭାଗୀୟ ସଚିବ ଉଷା ପାଢ଼ୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜ୍ୟରେ ସମନ୍ୱିତ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ମାଧ୍ୟମରେ ବିଭାଗର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

# ପାନୀୟ ଜଳ ପ୍ରକଳ୍ପ-ପରିଦର୍ଶନ

ଗଞ୍ଜାମ ଜିଲ୍ଲା ମଲାଡ ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ ଗୁଡ଼ିକୁ ପଞ୍ଚାୟତିରାଜ ବିଭାଗ ସଚିବ ଗିରିଶ ଏସ୍.ଏନ୍ ପରିଦର୍ଶନ କରିଛନ୍ତି । ଶ୍ରୀ ଏସ୍ଏନ୍ ପ୍ରକଳ୍ପର କାର୍ଯ୍ୟଧାରା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ ।

# ସାଇବର ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର ଥାନା ସମ୍ମିଳନୀ କକ୍ଷରେ ଜିଲ୍ଲା ପୁଲିସ ପକ୍ଷରୁ ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସାମାଜିକ ଗଣମାଧ୍ୟମ ବ୍ୟବହାର, ତଥା ସାଇବର ଠକେଇ ପ୍ରତି ସତର୍କ ରହିବାକୁ ଜିଲ୍ଲା ଏସ୍‌ପି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ସାଇବର ଠକେଇର ଶିକାର ହେଲେ ଟୋଲ ଫ୍ରି ନମ୍ବର ୧୯୩୦କୁ ଫୋନ୍ କରି ସୂଚନା ଦେବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ।

ସେହିପରି ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ସାଇବର ଅପରାଧକୁ ରୋକିବା ପାଇଁ ଦଶଦିନିଆ ସାଇବର ସଚେତନତା ଅଭିଯାନ ଆରମ୍ଭ ହୋଇଛି ।

## ମାଣ୍ଡିଆ ଦିବସ

ଶ୍ରୀଅନ୍ନ ବା ମିଲେଟ୍‌କୁ ପ୍ରୋତ୍ସାହନ ଦେବା ତଥା ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟରେ ନଭେମ୍ବର ୧୦ ତାରିଖ ଆଜିର ଦିନକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧକ୍ରମେ ମିଳିତ ଜାତିସଂଘ ଗତ ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲେ। ଶ୍ରୀଅନ୍ନ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ପଦକ୍ଷେପ ନିଆଯାଇଥିଲା।

## ବିଶ୍ୱ ବିଜ୍ଞାନ ଦିବସ

ବିଜ୍ଞାନ ପ୍ରତି ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି । ସାରା ବିଶ୍ୱରେ ଶାନ୍ତି ଓ ବିକାଶର ଧାରାକୁ ବଜାୟ ରଖିବା ପାଇଁ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୨୦୦୧ ମସିହା ନଭେମ୍ବର ୧୦ ତାରିଖକୁ ଏହି ଦିବସ ରୂପେ ପାଳନ କରିଆସୁଛି । ଚଳିତବର୍ଷ ବିଶ୍ୱାସ, ପରିବର୍ତ୍ତନ, ଭବିଷ୍ୟତ;୨୦୫୦ ପାଇଁ ବିଜ୍ଞାନର ଆବଶ୍ୟକତାକୁ ନେଇ ବିଶ୍ୱ ବିଜ୍ଞାନ ଦିବସ ପାଳନ କରାଯାଉଛି ।

## ରଣଜୀ

ନାଗପୁରର ଭିସିଏ ଷ୍ଟାଡିୟମରେ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ଚାଲିଥିବା ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ରେ ଓଡ଼ିଶା ଦ୍ୱିତୀୟ ଦିନରେ ୬ ୱିକେଟ୍ ହରାଇ ୧୨୨ ରନ୍ କରିଛି । ପ୍ରଥମ ଦିନରେ ବିଦର୍ଭ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ହରାଇ ୨୩୪ ରନ୍ କରିଥିଲା । ଦ୍ୱିତୀୟ ଦିନରେ ବିଦର୍ଭ ମାତ୍ର ୫୨ ରନ୍ ଯୋଡ଼ି ୨୮୬ରନ୍ କରିଥିଲା । ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

## ଶୀତ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା

ଅନୁସାରେ ଆସନ୍ତା ୨ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ରାଜ୍ୟର ୮ଟି ସହରର ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ତଳେ ରହିଥିଲା । ଦାରିଙ୍ଗିବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।